
ବିଶ୍ୱଶାନ୍ତି ମହାଯଜ୍ଞ

ଓଁ

*ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!*

# ବିଶ୍ୱଶାନ୍ତି ମହାଯଜ୍ଞ


## ସ୍ଥାନ : ପାଟକୁମୁଣ୍ଡା, ଛେଣ୍ଡିପଦା, ଅନୁଗୁଳ

(ବୈଶାଖ କୃଷ୍ଣପକ୍ଷ ପଞ୍ଚମୀ ଷଷ୍ଠୀକ୍ଷଃ ମୂଳାଧନୁ ମେଷ ୭ଦିନ ରବିବାର ଠାରୁ ଦଶମୀ ଧନିଷ୍ଠା କୁମ୍ଭ ମେଷ ୧୧ଦିନ ଗୁରୁବାର ପର୍ଯ୍ୟନ୍ତ)

ଇଂରାଜୀ ତା ୨୦.୪.୨୦୧୪ରିଖ ରବିବାର ଠାରୁ
ତା ୨୪.୪.୨୦୧୪ରିଖ ଗୁରୁବାର ପର୍ଯ୍ୟନ୍ତ ।

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,

ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତିଃ ଆଶ୍ରମ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।



# ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!

ଚତୁର୍ଭୁଜେ ନ ଶୋଭନ୍ତେ ଶଙ୍ଖ ଚକ୍ର ଗଦାପଦ୍ମମ୍ ।
ଦିବ୍ୟଂ ଶ୍ରୀ ଚରମମସ୍ତ୍ରଂ ଦୁର୍ବିସାନାୟ ମୂଢାନାମ୍ ।।
ଭୀମଃ ଅସୀ ସୌମ୍ୟ ଷ୍ଟାସୌ ଭୀମକାନ୍ତଃ ଜନାର୍ଦ୍ଦନମ୍ ।
ଅନିତ୍ୟଂ ଲାବଣ୍ୟରୂପଂ ମୌନଭାବମ୍ ମହେଶ୍ୱରମ୍ ।।
ମାନୁଷୀ ତନୁମାଶ୍ରିତ୍ୟଂ ସଦା ଦୈବୈହି ସେବିତବ୍ୟମ୍ ।
ହୃଦାହବିନାଶନାର୍ଥମ୍ ଶୀତଳଂ ଗନ୍ଧଚନ୍ଦନମ୍ ।।
ବିଜୀର୍ଣ୍ଣ୍ୟ ମ୍ଲେଚ୍ଛମ୍ଲେଚ୍ଛତ୍ୱଂ ମ୍ଲେଚ୍ଛତ୍ରାତା ପ୍ରକୀର୍ତ୍ତିତମ୍ ।
ନଷ୍ଟ୍ୱା ଚୌରସ୍ୟ ଚୌର୍ଯ୍ୟତ୍ୱଂ ଚୌରପତିଃ ଚରମତାତମ୍ ।।

## ଓଁ ପରଂବ୍ରହ୍ମେ ନମଃ

ଯୁଗେ ଯୁଗେ ଭଗବାନ ଏହି ଦେବଭୂମି, ପୁଣ୍ୟଭୂମି ଭାରତବର୍ଷରେ ଆବିର୍ଭାବ ହୁଅନ୍ତି ତାଙ୍କର ଯୁଗ ଲୀଳାକୁ ସଂପାଦନ କରିବା ପାଇଁ । ସେଇଥିପାଇଁ ଭାରତ ତା'ର ସଂସ୍କୃତି, ପ୍ରଥା ଓ ପରମ୍ପରା ପାଇଁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ମହାନ ପରମ୍ପରାର ଉତ୍କର୍ଷତା ଓ ଆଭିମୁଖ୍ୟ ପ୍ରତି ଆକର୍ଷିତ ହୋଇ ଦିନେ ଏଠାକୁ ଧାଇଁ ଆସିଥିଲେ ବିଦେଶୀ ପରିବ୍ରାଜକ ହୁଏନ୍‌ସାଂ, ମେଘାସ୍ଥିନିସ୍, ଫାହିୟାନ ଆଦି । ପ୍ରେମର ପ୍ରକୃତ ଅର୍ଥ, ସଂଜ୍ଞା ଓ ସ୍ୱରୂପକୁ ପ୍ରତିପାଦନ କରି ଶାସ୍ତ୍ର, ପୁରାଣ, ଗ୍ରନ୍ଥ ମାଧ୍ୟମରେ ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ ଦେଇପାରିଛନ୍ତି ଭାରତୀୟ ଯୋଗୀ ଓ ଋଷିପ୍ରବରଗଣ । ସେମାନେ ବୁଝିଥିଲେ ଜୀବନର ସଫଳତା ଭୋଗରେ ନୁହେଁ, ତ୍ୟାଗରେ । ପ୍ରତିହିଂସାରେ ନୁହେଁ ପ୍ରେମରେ । ବିଶ୍ୱଭ୍ରାତୃତ୍ୱ ପରିକଳ୍ପନାରେ ପର୍ଯ୍ୟବେଶିତ ଭରତୀୟ ବିଧିବିଧାନ । ସେଇଥିପାଇଁ ସର୍ବଧର୍ମର ସମନ୍ୱୟ ପୀଠ ଏହି ଆର୍ଯ୍ୟାବର୍ତ୍ତ । ଅମୃତମନ୍ତା ସ୍ରଷ୍ଟାଙ୍କର ଅମୃତମୟ ସୃଷ୍ଟିରେ ସମସ୍ତଙ୍କୁ ନିଃସ୍ୱାର୍ଥପର ଭାବରେ ଭଲ ପାଇପାରିଲେ ମାନବ ଜନ୍ମର ଦୁର୍ଲ୍ଲଭତାକୁ ଉପଲବ୍ଧି କରିହେବ । ଏହି ମହାନ ସଂସ୍କୃତିର ବିଚାରଧାରାକୁ ପଛରେ ପକାଇ ମଣିଷ ଆଜି ଧାଇଁଛି ଆଧୁନିକ ସଭ୍ୟତାର ଦୌଡ ପ୍ରତିଯୋଗୀତାରେ । ଏହି ଆଧୁନିକ ସଭ୍ୟତାର ଦ୍ୱାହି ଦେଇ ସେ ସ୍ୱଭାବିକତା ଠାରୁ ଦୂରେଇ ଯାଇ ଅସ୍ୱାଭାବିକ ହୋଇ ଉଠିଛି । ଉତ୍‌ଥାନର ମଥାନ ଟେକି ସେ ପତନର ଗର୍ତ୍ତ ଭିତରେ ନିଜକୁ ବୁଡାଇ ସାରିଲାଣି, ଏହା ତା'ର ହେତୁରେ ନାହିଁ । ଆକାଶ ଛୁଆଁ

ଐଶ୍ୱର୍ଯ୍ୟର ପାହାଡ଼ ଉପରେ ଛିଡ଼ା ହୋଇ ନିଜକୁ ସର୍ବଶ୍ରେଷ୍ଠ ବୋଲି ହୁଙ୍କାର ମାରି ଅଟ୍ଟହାସ୍ୟ କରୁଛି । ଅଜ୍ଞାନତାର ଘନ ଅନ୍ଧକାର ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଅନ୍ୟଠାରୁ ନିଜକୁ ଲୁଚାଇ ରଖି ଗୁମୁରି ଗୁମୁରି କାନ୍ଦିବା ଛଡା ତା'ର ଅନ୍ୟ ଉପାୟ କ'ଣ ଅଛି ? କାରଣ ଯେତେଯାହା ଉପାର୍ଜନ କଲେ ମଧ୍ୟ ସେ ଶାନ୍ତିର ନିକଟବର୍ତ୍ତୀ ହୋଇ ପାରୁନାହିଁ । ଅଧି+ଆତ୍ମା=ଆଧାତ୍ମା । ମଣିଷ ଦେହ (ଅଧି) ବାସନାରେ ଏତେ ମଜ୍ଜିଯାଇଛି ଯେ ଯାହାପାଇଁ ସେ କାର୍ଯ୍ୟକ୍ଷମ, ସେହି ଶକ୍ତିମାନ ଆତ୍ମା କଥା ଦିନେ ହେଲେ ଚିନ୍ତା କରୁନାହିଁ । ତନୁମନ ଆଜି କଳିର ପ୍ରଭାବରେ କଳୁଷିତ । ସ୍ନାୟୁ ଅବୁଝାମଣା ଦେଇ ଗଡି କରୁଛନ୍ତି । ମଣିଷ ବୁଝିବାକୁ ଅସମର୍ଥ ପ୍ରକୃତରେ ତା'ର କରଣୀୟ କର୍ତ୍ତବ୍ୟ କ'ଣ ? ମାନବିକତା ର ଏ ଘୋର ବିପର୍ଯ୍ୟସ୍ତ କାଳରେ ମଣିଷକୁ ତା'ର କର୍ତ୍ତବ୍ୟବୋଧର ଶିକ୍ଷା ଦେବାପାଇଁ ଓ କ'ଣ କଲେ ମହାବିପତ୍ତିରୁ ଏ ଶରୀର ରକ୍ଷା ହୋଇପାରିବ, ତା'ର ସୂତ୍ର ପ୍ରଦାନ କରିବା ପାଇଁ ସୃଷ୍ଟିର ନିୟାମକ ଅନନ୍ତ କୋଟି ବ୍ରହ୍ମାଣ୍ଡର ମାଲିକ ଗୁରୁଣାଂ ଗୁରୁ ଶ୍ରୀଶ୍ରୀଶ୍ରୀଗୁରୁସ୍ୱାମୀ କେଶବ ସୁନ୍ଦର ଅନାଦି ମଣ୍ଡଳରୁ ଯୋଗୀ, ମୁନି, ଋଷିଙ୍କର କାମନାପୂର୍ଣ୍ଣ କରିବା ପାଇଁ ଧୂଳିର ଧରଣୀରେ ବିରାଜମାନ । ଆଜକୁ ଅଣଷଠି ବର୍ଷ ତଳୁ ଅବ୍ୟକ୍ତ ବ୍ରହ୍ମ ବ୍ୟକ୍ତ ହୋଇ, ଅରୂପରୁ ସ୍ୱରୂପ ଧାରଣ କରି ସେହି ଯୋଗୀ ମୁନିଙ୍କର ବରଭିକ୍ଷାକୁ ପୂର୍ଣ୍ଣ କରିବା ଲକ୍ଷ୍ୟରେ ଏହି ଉତ୍କଳ ଭୂଖଣ୍ଡର କୋଣେ ଅନୁକୋଣେ ମାଳିକା ବର୍ଣ୍ଣିତ ନିର୍ଦ୍ଦିଷ୍ଟ ସମୟରେ ତଥା ନିର୍ଦ୍ଦିଷ୍ଟ ସ୍ଥାନରେ ଯଜ୍ଞାନୁଷ୍ଠାନ କରାଇ ଆସୁଛନ୍ତି । ଆଜିର ଯଜ୍ଞାନୁଷ୍ଠାନ ସେହି ଅନନ୍ତ ଲୀଳା ସୂତ୍ରରୁ ଖିଏ ମାତ୍ର ।

ଏହି ''ବିଶ୍ୱଶାନ୍ତି ମହାଯଜ୍ଞ'' ଏଠରେ ଅନୁଷ୍ଠିତ ହେବାର କାରଣ ଓ ଏ ସ୍ଥାନର ମହିମା ସଂପର୍କରେ ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ଭବିଷ୍ୟତ ଦ୍ରଷ୍ଟା ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ସ୍ୱରଚିତ ''ଶାରଳାମଣ୍ଡଳ ଗୁପ୍ତଗୀତା''ରେ ଉଲ୍ଲେଖ କରିଛନ୍ତି –

ଶକ୍ତିପୀଠେ ଶକ୍ତିମାନ ଯେ ଥିବେ ଭବାନିପତି ।
ଫୁଟି ଲିଙ୍ଗେ ପୂଜା ପାଉଣଥିବେ ରଖି କୀରତି ।।
କଳାପାଟ ଦେବୀ ପୂର୍ବରେ ଜଗିଥିବେ ସ୍ଥଳକୁ ।
ପଶ୍ଚିମରେ ପାଞ୍ଚଖଣ୍ଡ ଯେ ତାରିଣୀ ସେ ବେଳକୁ ।।
ଉତ୍ତରରେ ଭୀମଶୀଳା ଯେ ଥିବ ସ୍ମୃତି ସନ୍ତକ ।
ବନବାସେ ଦ୍ରୁପଦ ସୁତା ହସ୍ତେ ସ୍ଥାନ ପବିତ୍ର ।।
ଦକ୍ଷିଣରେ ଅଲିଅଳି ଯେ ନଦୀ ପାପ ନାଶିନୀ ।
ଦକ୍ଷିଣ ପଶ୍ଚିମେ ଭକତହିତା ମାତା ବାୟାଣୀ ।।
ପାତ୍ର କମଣ୍ଡଳୁ ପଡାରେ ଥିବେ ହିଙ୍ଗୁଳା, କୁଆଁ ।

ଲକ୍ଷ୍ମୀ ନାରାୟଣ ମଧ୍ୟରେ ବିଜେ ହେବାକୁ ସାହା ।।
ବେଢ଼ି ରହିଥିବେ ସରବେ ସୂକ୍ଷ୍ମ ଲୀଳା ଦର୍ଶନେ ।
କଳିଅବତାର ବିଜୟ ହେବେ ପବିତ୍ର ଧାମେ ।।

ଉପରୋକ୍ତ ପଦ୍ୟାବଳୀରେ ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରିୟ ଶିଷ୍ୟ ରାମଦାସଙ୍କୁ ସାକ୍ଷୀ ରଖି ଉଲ୍ଲେଖ କରିଛନ୍ତି - ଯେଉଁ ସ୍ଥାନରେ ଯଜ୍ଞ ଅନୁଷ୍ଠିତ ହେବ, ତାହା ଏକ ଶକ୍ତିପୀଠ ହୋଇଥିବ । ଶକ୍ତିମାନ ଭବାନୀପତି ଦେବ ଦେବ ମହାଦେବ ଶିବ ଫୁଟି ଲିଙ୍ଗ ହୋଇ ପୂଜା ପାଉଥିବେ । ପୂର୍ବ ଦିଗରେ କଳାପାଟ ଠାକୁରାଣୀ ବହୁକାଳରୁ ଏ ଯଜ୍ଞ ପାଇଁ ବାଟ ଚାହିଁ ବସିଛନ୍ତି । ପଶ୍ଚିମ ଦିଗରେ ପାଞ୍ଚଖଣ୍ଡା ଓ ତାରିଣୀ ମାତା ମଧ୍ୟ ବେଳ ଜାଣି ଚାହିଁଥିବେ । ଉତ୍ତର ଦିଗରେ ଦ୍ୱାପର ଯୁଗର ସ୍ମୃତି ସନ୍ତକ ହୋଇ ଭୀମଶୀଳା ରହିଛି । ପାଣ୍ଡବମାନେ ଯେତେବେଳେ ରାଜ୍ୟଛଡ଼ା ହୋଇ ବନବାସ କରୁଥିଲେ, ସେହି ସମୟରେ ଏହି ପବିତ୍ର ସ୍ଥାନରେ କିଛିକାଳ ଅବସ୍ଥାନ କରିଥିଲେ । ଦିନେ ଜଙ୍ଗଲ ଭ୍ରମଣ କରି କରି ଖାଦ୍ୟ ନପାଇ ସମସ୍ତେ କ୍ଷୁଧିତ ଥିବାବେଳେ ଭୀମବେଶି ବ୍ୟତିବ୍ୟସ୍ତ ହୋଇ ଥକାମାରି ବସିବାପାଇଁ ଉଦ୍ୟତ ହୁଅନ୍ତେ ପତି ପରାୟଣା ଦ୍ରୌପଦୀ ଉକ୍ତ ପଥରକୁ ପାଣିରେ ଲିପିଦେବା ପରେ ଭୀମ ତା' ଉପରେ ବସିଥିଲେ । ଆଜିର ଯଜ୍ଞାନୁଷ୍ଠାନ ସମୟରେ ସ୍ଥାନର ମହିମା ପ୍ରକାଶିତ ହେବ ବୋଲି ଦ୍ୱାପର ଯୁଗରୁ ତାହା ସ୍ମୃତି ସନ୍ତକ ହୋଇ ରହିଛି ବୋଲି ନେମାଳ ମଠର ମହନ୍ତ ନିର୍ବିକଳ୍ପ ସମାଧି ଯୋଗୀ ଅଚ୍ୟୁତ ଉଲ୍ଲେଖ କରିଛନ୍ତି । ଦକ୍ଷିଣ ଦିଗରେ ପାପନାଶିନୀ ଆଉଁଳି ନଦୀ ବହି ଯାଉଛି । ଯାହାର ପୂର୍ବନାମ ଥିଲା 'ଅଲିଅଳି' । ଦକ୍ଷିଣ ପଶ୍ଚିମ ଦିଗରେ ମାତା ବାୟାଣୀ ଦେବୀ ଭକ୍ତର ହିତ ନିମନ୍ତେ ବିରାଜିତା । ପାଟକୁମୁଣ୍ଡା ଗ୍ରାମର ମଧ୍ୟ ସ୍ଥଳରେ ହିଙ୍ଗୁଳା ଓ କୁଆଁଦେବୀ ଓ ଲକ୍ଷ୍ମୀନାରାୟଣ ପୂଜା ପାଉଥିବେ । ପାଟକୁମୁଣ୍ଡାର ପୂର୍ବନାମ ଥିଲା ପାତ୍ର କମଣ୍ଡଳୁ । ସୂକ୍ଷ୍ମରେ ରହି ସବୁ ଦେବାଦେବୀ ବାଟ ଚାହିଁଛନ୍ତି ଏହିସ୍ଥାନରେ କଳିଅବତାର ବିଜେହୋଇ ସମସ୍ତଙ୍କୁ ଦର୍ଶନ ଦେବେ । ଏଠାରେ ଉକ୍ତ ଯଜ୍ଞ ଓ ସତ୍‌ସଂଗ କାହିଁକି ଅନୁଷ୍ଠିତ ହେଉଛି ସେ ସଂପର୍କରେ ଯେଉଁ ବିଚିତ୍ର କିମ୍ବଦନ୍ତୀ ରହିଛି ତାହା ନିମ୍ନରେ ପ୍ରକାଶ କରାଯାଉଛି ।

କଳ୍ପାନ୍ତରରେ ଯେତେବେଳେ ଅନନ୍ତକୋଟି ବ୍ରହ୍ମାଣ୍ଡ ପ୍ରଳୟ ଜଳରେ ଲୀନ ହେବାକୁ ବସିଲା, ସେତିକିବେଳେ ଭଗବାନଙ୍କର ଅମୃତ ସନ୍ତାନ ଜଣେ ଋଷି ତପସ୍ୟାରେ ସନ୍ତୁଷ୍ଟ କରି ପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ ଯେ - ଆପଣ ଆସନ୍ତା ଚତୁଃ ଯୁଗରେ ମାନବ ତନୁରେ ଯେତେବେଳେ ଲୀଳା କରିବେ, ମୁଁ ଆପଣଙ୍କର ସ୍ଥୂଳ ଦର୍ଶନ କରିବି । ପରମପିତା ଭଗବାନ ତାଙ୍କ କାମନା ପୂର୍ଣ୍ଣ ପାଇଁ ତଥାସ୍ତୁ କରିଥିଲେ । ସତ୍ୟଯୁଗର ଅୟମାରମ୍ଭ ହେଲା । ସେ ଯୁଗ ଥିଲା ତପସ୍ୟାର ଯୁଗ । ଚାରିପାଦ ଧର୍ମଥିଲା । ସେତିକିବେଳେ

ବଦ୍ରିଧାମର ଅନତି ଦୂରେ ଜନ୍ମ ଗ୍ରହଣ କରିଥିଲେ ଋଷି 'ପାତ୍ରସିଦ୍ଧ' । ଆପଣା ସାଧନା ବଳରେ ସିଦ୍ଧି ଅର୍ଜନ କରି ଜଗତରେ ନିଜର ଜ୍ଞାନବାଣୀକୁ ପ୍ରସାର କରିଥିଲେ । ଗୁରୁଜ୍ଞାନର ଅଧିକାରୀ ହୋଇ ମଧ୍ୟ ଶିଷ୍ୟ ଗ୍ରହଣ ନକରି, ବାର୍ତ୍ତାଳାପ ପରିହାର କରି ପ୍ରତ୍ୟେକଟି ମୁହୂର୍ତ୍ତ ଧ୍ୟାନରେ ରହି ଭଗବାନଙ୍କ ସହ ସଂଯୋଗ ସ୍ଥାପନ କରି ତଲ୍ଲୀନ ଅବସ୍ଥାରେ କାଳଯାପନ କରୁଥିଲେ । ଯେତେବେଳେ ଯିଏ ତାଙ୍କୁ କୌଣସି ସମାଧାନର ସୂତ୍ର ମାଗୁଥିଲେ ସେ କାର୍ପଣ୍ୟ ପ୍ରଦର୍ଶନ ନକରି ଆନନ୍ଦରେ ସମସ୍ୟା ସମାଧାନର ବାଟ ବତାଇ ଦେଉଥିଲେ । ଭକ୍ତଶ୍ରେଷ୍ଠ ପ୍ରହଲ୍ଲାଦଙ୍କୁ ପିତା ହିରଣ୍ୟକଶିପୁ ଚିହ୍ନ ନପାରି ଯେତେବେଳେ ଅଜ୍ଞାନତାର ବଶବର୍ତ୍ତୀ ହୋଇ ବଧ କରିବାକୁ ମସୁଧା କରି ବିଭିନ୍ନ ଉପାୟ ଅବଲମ୍ବନ କରୁଥିଲେ; ସେତିକିବେଳେ ଋଷି ପାତ୍ରସିଦ୍ଧ, ହିରଣ୍ୟକଶିପୁକୁ ପ୍ରହଲ୍ଲାଦଙ୍କର ଭକ୍ତିମତା ସଂପର୍କରେ ଅନେକ ବୁଝାଇଥିଲେ । ଭଗବାନ ବିଷ୍ଣୁଙ୍କର ବିରୁଦ୍ଧାଚରଣ ନକରି ତାଙ୍କର ଶରଣାପନ୍ନ ହେବାପାଇଁ ଉପଦେଶ ଦେଇଥିଲେ । ହିରଣ୍ୟକଶିପୁ ବିଷ୍ଣୁଙ୍କ ସପକ୍ଷରେ ଉକ୍ତି ଶ୍ରବଣ କରିବା ପରେ ଉତ୍‌କ୍ଷିପ୍ତବଶତ କ୍ରୋଧରେ ଜର୍ଜରିତ ହୋଇ ଋଷି ''ପାତ୍ରସିଦ୍ଧ''ଙ୍କୁ ହତ୍ୟା କରିଥିଲେ । ପାତ୍ରସିଦ୍ଧଙ୍କ ଆତ୍ମା ବାୟୁମଣ୍ଡଳରେ ଘୂରି ବୁଲୁଥିଲା । ଯେତେବେଳେ ସ୍ତମ୍ଭରୁ ବାହାରି ଭଗବାନ ନୃସିଂହଦେବ ହିରଣ୍ୟକଶିପୁକୁ ବିନାଶ କଲେ ଓ ପ୍ରହଲ୍ଲାଦଙ୍କୁ କୋଳରେ ବସାଇଲେ ଠିକ୍ ସେତିକିବେଳେ ପ୍ରଭୁଙ୍କର ଭୀମକାନ୍ତ ରୂପ ଦର୍ଶନ କରି ଋଷି ପାତ୍ରସିଦ୍ଧଙ୍କର ଆତ୍ମା ଆପଣା ମଣ୍ଡଳରେ ଯାଇ ଅବସ୍ଥାନ କଲେ ।

ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଯେତେବେଳେ ଋଷି ବିଶ୍ୱାମିତ୍ରଙ୍କ ସହିତ ମିଥିଳା ନଗରୀକୁ ସ୍ୱୟମ୍ବର ସଭାରେ ଯୋଗଦେବାପାଇଁ ଯାଇଥିଲେ, ସେତିକିବେଳେ ମିଥିଳା ନଗରୀରେ ଜଣେ ଋଷିଥିଲେ । ନାମ ତାଙ୍କର 'ପ୍ରୀତିଶୃତି' । ଋଷିଥିଲେ ଜାତସ୍ମର । ପୂର୍ବଜନ୍ମର ସମସ୍ତ କଥାକୁ ସେ ସ୍ମରଣ କରିପାରୁଥିଲେ । ଆପଣା ସାଧନା ବଳରେ ଅବତାର ପୁରୁଷ ରାମଚନ୍ଦ୍ରଙ୍କୁ ଚିହ୍ନିପାରି କୃତାର୍ଥ ହେଲେ । ପ୍ରତିଯୁଗରେ ପ୍ରଭୁଙ୍କର ସ୍ଥୂଳ ରୂପ ଦର୍ଶନରେ ଅଭିଳାଷ ମନରେ ପୋଷଣ କରି ଇହଲୀଳା ସମ୍ବରଣ କଲେ । ସତ୍ୟଯୁଗର ପାତ୍ରସିଦ୍ଧ ତ୍ରେତୟାରେ ହେଲେ 'ପ୍ରୀତିଶୃତ' । ପୁଣି ସେ ଦ୍ୱାପରରେ 'ବକ୍ରନେତ୍ର' ନାମ ଧାରଣ କରି ଧରାପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ । ବୃନ୍ଦାବନରେ ଭଗବାନ କୃଷ୍ଣ କିଶୋର ଅବସ୍ଥାରେ ଗୋରୁ ଚରାଉଥିବା ବେଳେ ଗୋପାଳ ବାଳକମାନଙ୍କୁ ଭୋକ ଲାଗିଛି । କ୍ଷୁଧା ନିବାରଣ ପାଇଁ କୃଷ୍ଣଚନ୍ଦ୍ର ସାଥୀ ପିଲାମାନଙ୍କୁ ବ୍ରାହ୍ମଣମାନେ କରୁଥିବା ଅଙ୍ଗିରସ ନାମକ ଯଜ୍ଞ ସ୍ଥଳକୁ ପଠାଇଛନ୍ତି । ବ୍ରାହ୍ମଣମାନଙ୍କୁ ଅନ୍ନ ମାଗିବାରୁ ସେମାନେ ଶୁଣି ନ ଶୁଣିବା ପରି ହେବାରୁ ଗୋପ ବାଳକମାନେ ଫେରି ଆସିଛନ୍ତି । ଠିକ୍ ସେତେବେଳେ ଭଗବାନ କୃଷ୍ଣ ପୁଣି ଆତ୍ମଦର୍ଶିନୀ ବ୍ରାହ୍ମଣୀମାନଙ୍କୁ ଅନୁଗ୍ରହ କରିବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି । ସାଥୀ ପିଲାମାନଙ୍କୁ ଖାଦ୍ୟଦ୍ରବ୍ୟ ପାଇଁ ବ୍ରାହ୍ମଣୀମାନଙ୍କ

ପାଖକୁ ପଠାଇଛନ୍ତି । ଗୋପାଳବାଳକମାନେ ଯାଇ ବ୍ରାହ୍ମଣୀମାନଙ୍କୁ ଅନ୍ନ ମାଗିବାରୁ ସେମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ସେମାନେ ପୂର୍ବରୁ ଭଗବାନ କୃଷ୍ଣଙ୍କର ଅପୂର୍ବ ଅଲୌକିକ ଲୀଳାକୁ କେବଳ ଶ୍ରବଣ କରିଥିଲେ । ମାତ୍ର ଆଜି ଭଗବାନ କୃଷ୍ଣଙ୍କୁ ଅନ୍ନ ଭୋଜନ କରାଇବାର ସୁଯୋଗ ପାଇଲେ । ସେମାନେ ଧୈର୍ଯ୍ୟହରା ହୋଇ ପଡିଲେ । ବ୍ରାହ୍ମଣମାନେ ଜାତିର ଗର୍ବରେ ପ୍ରଭୁଙ୍କର ଲୀଳାକୁ ବୁଝି ନପାରି କେବଳ ଗୋପାଳ ବୋଲ କହି ଅଟ୍ଟା କରୁଥିବାବେଳେ ବ୍ରାହ୍ମଣୀମାନେ ପୂର୍ବଜନ୍ମର ସୁକୃତ ପ୍ରଭାବରୁ କହ୍ନେଇଙ୍କ ପ୍ରତି ଆସକ୍ତ ହୋଇ ଉଠିଥିଲେ । ସମସ୍ତ ବ୍ରାହ୍ମଣୀମାନଙ୍କ ମଧ୍ୟରେ ଜଣେ ଶ୍ରେଷ୍ଠତର ଭକ୍ତିମତି ନାରୀ ଥିଲେ, ନାମ ତାଙ୍କର କୁମୁଣ୍ଡାକୀ । ବ୍ରାହ୍ମଣୀମାନେ ଯେତେବେଳେ ନିଜର, ଶାଶୁ, ଶ୍ୱଶୁର ପରିବାରବର୍ଗଙ୍କୁ ଭୟକରି କୃଷ୍ଣଙ୍କ ପାଖକୁ ନଯିବାର ନିଷ୍ପତ୍ତି ନେଲେ, ସେତେବେଳେ କୁମୁଣ୍ଡାକୀ ସମସ୍ତଙ୍କୁ ବୁଝାଇ ସୁଝାଇ ଖାଦ୍ୟପଦାର୍ଥ ନେଇ ଭଗବାନଙ୍କୁ ସନ୍ତୁଷ୍ଟ କରିବାର ପ୍ରେରଣା ଦେଇଥିଲେ । କୁମୁଣ୍ଡାକୀଙ୍କର କଥାକୁ ମାନି ବ୍ରାହ୍ମଣୀମାନେ କୃଷ୍ଣଚନ୍ଦ୍ରଙ୍କ ସମୀପରେ ଉପସ୍ଥିତ ହେଲେ । ପୁଣି ସେତିକିବେଳେ ବ୍ରାହ୍ମଣମାନଙ୍କ ଯଜ୍ଞରେ ଯୋଗଦେବା ପାଇଁ ଆସିଥିବା ଋଷି "ବକ୍ରନେତ୍ର" ଯଜ୍ଞସ୍ଥଳରୁ ଲୁଚି ପଳାଇ ବୃନ୍ଦାବନରେ ପହଞ୍ଚିଲେ । ଲତାକୁଞ୍ଜରେ ଲୁଚି ରହି ଋଷି ଦେଖିଲେ ବ୍ରାହ୍ମଣୀମାନେ ବାସୁଦେବ କୃଷ୍ଣଙ୍କୁ ହାତରେ ଖୁଆଇ ଦେଉଛନ୍ତି । ଋଷି ଦୂରରୁ ଭକ୍ତ ଭଗବାନଙ୍କର ଏ ଅପୂର୍ବ ମହାମିଳନ ଦେଖି ଆଖିରୁ ଧାରଧାର ଲୁହ ଗଡାଇଲେ । ଋଷିଙ୍କ ମନରେ ଭାବନା ଆସିଲା ମୁଁ ଯଦି ବ୍ରାହ୍ମଣୀମାନଙ୍କ ମଧ୍ୟରୁ ଜଣେ ନାରୀ ହୋଇଥାଆନ୍ତି, ତେବେ ଭଗବାନଙ୍କୁ ନିଜ ହାତରେ ଖୁଆଇ ପାରିଥା'ନ୍ତି । ଭଗବାନ କୃଷ୍ଣ ଅନ୍ତରର ଅଭିଳାଷକୁ ଜାଣିପାରି ହାତଟେକି ଋଷିଙ୍କ ଆଡକୁ ଅଭୟ ମୁଦ୍ରା ଦେଖାଇଲେ ଓ ବର ପ୍ରଦାନ କଲେ ଯେ ଆସନ୍ତା କଳିଯୁଗରେ ତୁମେ ନାରୀ ଅଙ୍ଗରେ ଜନ୍ମଲାଭ କରି ପୂର୍ଣ୍ଣବ୍ରହ୍ମଙ୍କର ସେବାରେ ଲାଗିବ । ଭଗବାନଙ୍କ ଅନ୍ୟମନସ୍କତାକୁ ଲକ୍ଷ୍ୟକରି ବ୍ରାହ୍ମଣୀମାନେ କିଛି ବୁଝି ପାରିଲେ ନାହିଁ । କୁମୁଣ୍ଡାକୀ କହିଲେ, "ପ୍ରଭୁ ! ଆପଣଙ୍କୁ କ'ଣ ଆମ ଖାଦ୍ୟ ପଦାର୍ଥ ସୁସ୍ୱାଦୁ ଲାଗୁନାହିଁ । ଆପଣ ଖାଉ ନାହାନ୍ତି କାହିଁକି ?" ଭଗବାନକୃଷ୍ଣ କୃପା ପରବଶ ହୋଇ ବ୍ରାହ୍ମଣୀମାନଙ୍କୁ ସତ କଥା କହିଲେ । ବ୍ରାହ୍ମଣୀମାନେ ମଧ୍ୟ ଏକଥା ଶୁଣି ବରଭିକ୍ଷା କଲେ, "ହେ ପ୍ରଭୁ ! ଆମ୍ଭଙ୍କୁ ମଧ୍ୟ ଆଶୀର୍ବାଦ କରନ୍ତୁ, ଆମ୍ଭେମାନେ କଳିଯୁଗରେ ଯେମିତି ଋଷିଙ୍କ ଭଳି ସୁଯୋଗ ପ୍ରାପ୍ତ ହେବୁ ।" ଭଗବାନ ସେଦିନ କହିଥିଲେ ଯେ କଳି ଯୁଗରେ ବ୍ରହ୍ମଙ୍କର ନରଲୀଳା ଶୂଦ୍ରକୁଳରେ ହେବ । ଚାରିଯୁଗର ବର୍ଣ୍ଣବିଧାନ ଅନୁସାରେ ସତ୍ୟରେ ବ୍ରାହ୍ମଣଘରେ, ତ୍ରେତୟାରେ କ୍ଷତ୍ରିୟ ଘରେ, ବର୍ତ୍ତମାନ ଦ୍ୱାପରରେ ଆମ୍ଭେ ଯେମିତି ବୈଶ୍ୟ (ଗୋପାଳ) ଘରେ ଲୀଳା କରୁଛୁ, ଯୁଗର କ୍ରମାନୁଯାୟୀ କଳିଯୁଗରେ ଶୂଦ୍ରକୁଳରେ ଲୀଳା ସଂଗଠିତ ହେବ । ଏହି କଥା ଶୁଣି

ଆତ୍ମଜ୍ଞାନୀ ବ୍ରାହ୍ମଣୀମାନେ ପ୍ରଭୁଙ୍କର ଚରଣପଙ୍କଜରେ ପ୍ରାର୍ଥନା କଲେ – "ପ୍ରଭୁ ! ଆମ ପତିମାନେ ବର୍ଣ୍ଣଶ୍ରେଷ୍ଠ ବ୍ରାହ୍ମଣ ବୋଲି ଅହଙ୍କାରର ବଶବର୍ତ୍ତୀ ହୋଇ ଆପଣଙ୍କୁ ଚିହ୍ନି ପାରୁନାହାନ୍ତି । ତେଣୁ ଆମ୍ଭଙ୍କୁ କଳିଯୁଗରେ ଶୂଦ୍ରକୁଳରେ ଜନ୍ମଦେଇ କୃତାର୍ଥ କରିବେ । ଏତିକିବେଳେ ପୁନଶ୍ଚ କୁମୁଣ୍ଡାକୀ ଅଳି କଲେ, "ପ୍ରଭୁ ! ନାରୀ ଜନ୍ମ ପାଇ ଆମେ ସ୍ୱାଧୀନତା ହରାଇଥିବାରୁ ଆପଣଙ୍କ ପାଖକୁ ଭୟଥାଇ ଲୁଚିଛପି ଆସିଛୁ । ଆପଣ ମୋତେ କଳିଯୁଗରେ ପୁରୁଷ ଜନ୍ମଦେବେ । ଆପଣଙ୍କ ସେବାରେ ଯେମିତି ମୋ ଜୀବନକୁ ଅତିବାହିତ କରିପାରିବି ।" ପ୍ରଭୁ ତଥାସ୍ତୁ କଲେ ।

ଆଜକୁ ପ୍ରାୟ ତିନି ହଜାର ଚବିଶି ବର୍ଷ ତଳେ ଏହି ପୁଣ୍ୟଭୂମି କୋଳରେ ଜନ୍ମ ନେଇଥିଲେ ଋଷି ବିଶିପନ୍ନା । ଭଗବାନଙ୍କର ଅପୂର୍ବ ସଂଯୋଗ । ବିଶିପନ୍ନାଙ୍କର କୋଳମଣ୍ଡନ କରିବେ ଦ୍ୱାପର ଯୁଗର ଋଷି ବଜ୍ରନେତ୍ର ଓ ବ୍ରାହ୍ମଣୀ କୁମୁଣ୍ଡାକୀ । ଭଗବାନଙ୍କର ଲୀଳାରେ ସହଭାଗୀ ହେବାପାଇଁ ଋଷି ବିଶିପନ୍ନା ଶୂଦ୍ର କୁଳରେ ଜନ୍ମ ଗ୍ରହଣ କରିଥିଲେ । ପତ୍ନୀ ବିଶାଖା ଥିଲେ ଅତ୍ୟନ୍ତ ଧର୍ମପରାୟଣା । ପତିପତ୍ନୀ ଦୁହେଁ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ଶଙ୍କର ଭଗବାନଙ୍କର ପୂଜା କାର୍ଯ୍ୟରେ ଲିପ୍ତ ରହନ୍ତି । ଶୂଦ୍ର ବୋଲି ସେମାନଙ୍କର ପୂଜାର୍ଚ୍ଚନା ଦେଖି ଅନ୍ୟ ବର୍ଣ୍ଣର ବ୍ୟକ୍ତିମାନେ ତାଙ୍କୁ ଥଟ୍ଟା ପରିହାସ କରନ୍ତି । ଭଗବାନ ତ ସଦା ସର୍ବଦା ଆପଣାର ଭକ୍ତକୁ ପରୀକ୍ଷାରେ ପକାଇ ଥାଆନ୍ତି । ବିଶିପନ୍ନା ଓ ବିଶାଖା ଭଗବତ କାର୍ଯ୍ୟରେ ମନୋନିବେଶ କରିଥିଲେ ମଧ୍ୟ ନିଃସନ୍ତାନ ଥିଲେ । ତେଣୁ ସାଧାରଣ ଲୋକମାନେ ତାଙ୍କୁ ଅତିମାତ୍ରାରେ ନିନ୍ଦା କରୁଥାନ୍ତି । ଉପହାସ କରୁଥାନ୍ତି । ଜାତିକୁ ନେଇ ଅଧିକ ଇଙ୍ଗିତ କରି କଟୂକ୍ତି ପ୍ରୟୋଗ କରୁଥାନ୍ତି । ଭଗମାନ ଭକ୍ତକୁ ପରୀକ୍ଷା କରନ୍ତି; ମାତ୍ର ଦୁଃଖ ସହି, ନିନ୍ଦାଶୁଣି ଯିଏ ତାଙ୍କ ସେବାରୁ ବିରତ ନହୁଏ, ତାକୁ ସେ କୃପା କରନ୍ତି । ବିଶାଖାଙ୍କର ପରିଣତ ବୟସରେ ଗର୍ଭବାସ ହେଲା । ଗର୍ଭଧାରଣର ଖବର ପାଇବା ମାତ୍ରେ ପରିହାସ କରୁଥିବା ଲୋକମାନଙ୍କ ଛାତିରେ ନିଆଁ ଲାଗିଗଲା । ଈର୍ଷାରେ ଜଳି ସୁଯୋଗ ଉଣ୍ଡିଲେ ତାଙ୍କୁ ନିର୍ଯ୍ୟାତନା ଦେବାପାଇଁ । ନିଃସନ୍ତାନ ଦୋଷରୁ ମୁକ୍ତି ଦେବାପାଇଁ ପ୍ରଭୁ କୃପା କରିଛନ୍ତି ବୋଲି ଋଷି ବିଶିପନ୍ନା ଓ ପତ୍ନୀ ବିଶାଖା ବ୍ରାହ୍ମ ମୁହୂର୍ତ୍ତରେ ଶିବ ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ । ବିଶିପନ୍ନା ଥିଲେ ଆତ୍ମଦର୍ଶୀ ଓ ଶଙ୍କାହୀନ । ତାଙ୍କ ମନରେ ଜାତି, ଧର୍ମ, ବର୍ଣ୍ଣର ବିଭେଦତା ନଥିଲା । ମାତ୍ର ପତ୍ନୀ ବିଶାଖାଙ୍କ ମନରେ ଗ୍ରାମର ବର୍ଣ୍ଣବାଦୀ ମଣିଷମାନଙ୍କ ପ୍ରତି ଭୟ ଥାଏ । ସେ ଚାହୁଁଥାନ୍ତି ଶୀଘ୍ର ପୂଜାର୍ଚ୍ଚନା ଶେଷକରି ସୂର୍ଯ୍ୟୋଦୟ ପୂର୍ବରୁ ମନ୍ଦିରର ପୂଜକ ମନ୍ଦିରକୁ ଆସିବା ପୂର୍ବରୁ ଘରକୁ ଫେରିଯିବା । ହେଲେ କଣ ହେବ । ଦଇବର ଇଚ୍ଛାଠାରୁ ବଳି କାହାର ଇଚ୍ଛା ନାହିଁ । ଋଷି ଦମ୍ପତି ପୂଜା ଶେଷକରି ଧ୍ୟାନରେ ବସିଗଲେ ଯେ ଅନେକ ସମୟ ଅତିକ୍ରାନ୍ତ ହୋଇଗଲା । ମନ୍ଦିର ପୂଜକ କେତେବେଳେ ଆସିଗଲାଣି

ଏକଥା ସେମାନଙ୍କୁ ଜଣାନାହିଁ । ପୂଜକର ଚିତ୍କାରରେ ପତିପତ୍ନୀ ଚମକି ପଡି ପ୍ରକୃତିସ୍ଥ ହୋଇଗଲେ । ବିଶାଖା ଥରିବାକୁ ଲାଗିଲେ । ଅସବର୍ଣ୍ଣମାନେ ମନ୍ଦିରକୁ ପ୍ରବେଶ କରିଛନ୍ତି ବୋଲି ତୁମ୍ଭୀ ତୋଫାନ କରିବାରୁ ଗ୍ରାମବାସୀମାନେ ରୁଷ୍ଟ ହୋଇ କେତେ ଭର୍ତ୍ସନା କଲେ । କଥା ରାଜାଙ୍କ କାନକୁ ଗଲା । ରାଜା ଏହାର ସମାଧାନ ପାଇଁ ବ୍ରାହ୍ମଣ ପଣ୍ଡିତମାନଙ୍କୁ ଡକାଇଲେ । ଶେଷରେ ନିଷ୍ପତ୍ତି ନେଲେ ଯେ ଯଜ୍ଞ କରାଇ ମନ୍ଦିରକୁ ପବିତ୍ର କରାଯିବ, ଆଉ ଏ ଅପରାଧୀ ପତିପତ୍ନୀଙ୍କୁ ଗ୍ରାମରୁ ବିତାଡ଼ିତ କରାଯିବ । ସେଇ କଥା ହେଲା । ବିଶିପନ୍ନା ଓ ବିଶାଖା ଦୁହେଁ ବାସହରା ହୋଇ ଜନବସତି ଠାରୁ ଦୂରରେ ଥିବା ଅଲିଅଳି ନଦୀକୂଳରେ ଘଞ୍ଚ ଅରଣ୍ୟ ମଧ୍ୟରେ ଛୋଟ କୁଡିଆ ତିଆରି କରି କାଳାତିପାତ କଲେ । ଗ୍ରାମର ଜଣେ ସବର୍ଣ୍ଣ ଲୋକ ନାମ ତାଙ୍କର ଉଦୟଭାନୁ । ସେ ଋଷି ବିଶିପନ୍ନାଙ୍କ ସାଧନା ସମ୍ପର୍କରେ ଅବଗତ ଥିଲେ, ସେ ଯେ ଜଣେ ଭଗବାନଙ୍କ ଅନନ୍ୟ ତଥା ଅସାଧାରଣ ଭକ୍ତ ଏହା ଉଦୟଭାନୁ ଉପଲବ୍ଧି କରିଥିଲେ । ତେଣୁ ବେଳେବେଳେ ଅନ୍ଧକାର ରାତିରେ ଲୁଚି ଲୁଚି ଯାଇ ଅରଣ୍ୟ ମଧ୍ୟରେ ବିଶିପନ୍ନା ଓ ବିଶାଖାଙ୍କୁ ଉଦୟଭାନୁ ଖାଦ୍ୟ ପଦାର୍ଥ ଦେଇ ଆସନ୍ତି । ବେଳେବେଳେ ବନର ଫଳମୂଳ ଖାଇ କ୍ଷୁଧା ନିବାରଣ କରୁଥିଲେ । ସମୟର ଚକ ଆଗକୁ ଚାଲିଲା । ଶୁଭଲଗ୍ନ ଉପନୀତ ହେଲା । ବିଶାଖାଙ୍କର ଗର୍ଭ ଯନ୍ତ୍ରଣା ଆରମ୍ଭ ହେଲା । ଜଙ୍ଗଲ ପରିବେଶରେ ପତିପତ୍ନୀଙ୍କ ବ୍ୟତୀତ ଆଉ କେହି ନାହିଁ । କିଛି ସମୟ ପ୍ରସବ ବେଦନା ପାଇଲା ପରେ ବିଶାଖା ଜନ୍ମଦେଲେ ଯାଆଁଳା ଶିଶୁଙ୍କୁ । ଗୋଟିଏ ପୁତ୍ର ଓ ଅନ୍ୟଟି କନ୍ୟା । କାଳ ସ୍ରୋତରେ ଦୁଃଖକଷ୍ଟ ସହି ଜୀବନ ଅତିବାହିତ ହେଲା । ଋଷି ବିଶିପନ୍ନା ପୁତ୍ରର ନାମକରଣ କଲେ 'କୃଦକ୍ଷ' ଓ କନ୍ୟାର ନାମ ଦେଲେ 'ପଟକ' । ଏମାନେ ଥିଲେ ସେହି ଦ୍ୱାପର ଯୁଗର ଦୁଇଟି ମହାନ ଆତ୍ମା । ଋଷି ବକ୍ରନେତ୍ର ନାରୀଅଙ୍ଗରେ ଜନ୍ମହୋଇ ପାଟକ ନାମକୁ ବହନକଲେ ଓ ବ୍ରାହ୍ମଣୀ କୁମୁଣ୍ଡାକୀ ପୁରୁଷଅଙ୍ଗରେ ଆସି କୃଦକ୍ଷ ନାମକୁ ଧାରଣ କଲେ । ପରିଣତ ବୟସରେ ପଦାର୍ପଣ କରିସାରିଥିଲେ ଋଷି ବିନିପନ୍ନା ଓ ପତ୍ନୀ ବିଶାଖା । ପୁତ୍ରକନ୍ୟା ଦ୍ୱୟ କିଶୋର ଅବସ୍ଥାରେ ପଦାର୍ପଣ କରିବା ବେଳକୁ ଦୁହିଁଙ୍କ ମୃତ୍ୟୁ ଘଟିଲା । ପିତାମାତାଙ୍କୁ ହରାଇ ଭାତୃଭଗ୍ନୀ ଦୁଇଜଣ ଦୁଃଖଦ ପରିସ୍ଥିତି ଦେଇ ବଞ୍ଚିବାକୁ ଲାଗିଲେ । କିଶୋର ଅବସ୍ଥାରୁ ତାଙ୍କ ମନ ମଧ୍ୟରେ ବୈରାଗ୍ୟ ଭାବ ସୃଷ୍ଟି ହେଲା । ଦୁହେଁ ତପସ୍ୟାରେ ରତ ରହି ଦିନେ ସିଦ୍ଧି ଅର୍ଜନ କଲେ । ନିରାକାର ବ୍ରହ୍ମ ମୂର୍ତ୍ତିମନ୍ତ ହୋଇ ଭକ୍ତ ଦ୍ୱୟଙ୍କୁ ଦର୍ଶନ ଦେଲେ ଏବଂ କହିଲେ ଭଗବାନ ସ୍ଥୂଳତନୁ ଧରିବାର ସମୟ ବର୍ତ୍ତମାନ ଉପନୀତ ହୋଇନାହିଁ । ତେଣୁ ଏହି କଳିଯୁଗରେ ତୁମ୍ଭମାନଙ୍କୁ ପୁନଶ୍ଚ ଜନ୍ମଗ୍ରହଣ କରିବାକୁ ପଡ଼ିବ । ବିଗତ ଦିନରେ ଏ ସମସ୍ତ ଗହନ ଲୀଳାମୃତ ଯୋଗୀ, ଋଷି, ମୁନିଙ୍କର ରଚିତ ପୁରାଣ ପୃଷ୍ଠାରେ ସ୍ଥାନ ପାଇ ନଥିଲେ ମଧ୍ୟ ମହାପୁରୁଷ ଅଚ୍ୟୁତାନନ୍ଦ ଅତୀତର ସେ ଘଟଣାବଳୀକୁ

ଆପଣା ସାଧନାବଳରେ ଅବଗତ ହୋଇ ତାଙ୍କ 'କଳି ମହାତ୍ମ୍ୟଗୀତା' ରେ ଉଲ୍ଲେଖ କରିଛନ୍ତି ଯେ –

ସତ୍ୟଯୁଗେ ପାତ୍ର ସିଦ୍ଧ ବୋଲାଇ ।
ତ୍ରେତୟାରେ ପ୍ରୀତିଶୃତ ଅଟଇ ।।
ଦ୍ୱାପରଯୁଗେ ନାମ ବକ୍ରନେତ୍ର ।
ଜାଣି ପାରିଲେ ଅବତାର ସୂତ୍ର ।।
କୁମୁଣ୍ଡାକୀ ବ୍ରହ୍ମଦର୍ଶିନୀ ନାରୀ ।
ପଦ୍ମପାଦେ କଲା ହାରି ଗୁହାରି ।।
ବକ୍ରନେତ୍ର ଋଷି ବାଞ୍ଛା ପୂରଣ ।
କଳିଯୁଗେ ନାରୀ ଅଙ୍ଗେ ଜନମ ।।
କୁମୁଣ୍ଡାଳୀ କଲେ ଚରଣେ ଅଳି ।
ପୁରୁଷ ଅଙ୍ଗରେ ଜନ୍ମିବି କଳି ।।
ବିଶିପନ୍ନା ବିଶାଖା ହେଲେ ସିଦ୍ଧ ।
ବାସହରା କଲା ଜାତିଆ ଭେଦ ।।
କୃଦକ୍ଷ ପାଟକ ଭାଇ ଭଗିନୀ ।
ଶୂଦ୍ର କୁଳରେ ମଣ୍ଡିଲେ ମେଦିନୀ ।।

ଅଚ୍ୟୁତାନନ୍ଦଙ୍କର ଉପରୋକ୍ତ ପଦ୍ୟାବଳୀ ଅନୁସାରେ ସତ୍ୟଯୁଗରେ ଯିଏ ପାତ୍ରସିଦ୍ଧ ଥିଲେ, ସେ ତ୍ରେତୟାରେ ପ୍ରୀତିଶୃତ ନାମରେ ଆସି ମିଥିଳା ନଗରୀରେ ପ୍ରଭୁ ରାମଚନ୍ଦ୍ରଙ୍କୁ ଦର୍ଶନ କଲେ । ଦ୍ୱାପର ଯୁଗରେ ଦକ୍ରନେତ୍ର ନାମରେ ଜନ୍ମଗ୍ରହଣ କରିଥିଲେ । ଭଗବାନ କୃଷ୍ଣଙ୍କୁ ଅବତାର ବୋଲି ଚିହ୍ନି ପାରିଥିଲେ । ବ୍ରହ୍ମଦର୍ଶିନୀ ନାରୀ କୁମୁଣ୍ଡାକୀ କୃଷ୍ଣଚନ୍ଦ୍ରଙ୍କ ପାଦତଳେ ଗୁହାରି କରିଥିଲେ କଳିଯୁଗରେ ପୁରୁଷଅଙ୍ଗରେ ଓ ଶୂଦ୍ର କୁଳରେ ଜନ୍ମଲାଭ କରିବେ । ବକ୍ରନେତ୍ର ଋଷି ମଧ୍ୟ ଭଗବାନଙ୍କୁ ହାତରେ ଖୁଆଇବା ପାଇଁ ନାରୀ ଅଙ୍ଗରେ ଜନ୍ମଗ୍ରହଣ କରିବାପାଇଁ ବରଭିକ୍ଷା କରିଥିଲେ । ଋଷିଦ୍ୱୟ କଳିଯୁଗର ପ୍ରଥମ ପର୍ଯ୍ୟାୟରେ କୃଦକ୍ଷ ଓ ପାଟକ ନାମରେ ଋଷି ବିଶିପନ୍ନା ଓ ବିଶାଖାଙ୍କର କୋଳମଣ୍ଡନ କରି ଯମଜ ସନ୍ତାନ ସନ୍ତତି ଭାବରେ ଜନ୍ମଗ୍ରହଣ କରିଥିଲେ । ଜାତିଭେଦ ଓ ବର୍ଣ୍ଣ ବୈଷମ୍ୟ ପାଇଁ ଋଷି ଦମ୍ପତି ଅନେକ ନିର୍ଯ୍ୟାତନା ସହିଲେ । ପୁନଶ୍ଚ ଆଜକୁ ଅନେକ ବର୍ଷ ତଳେ ଏହି ଲୀଳାକ୍ଷେତ୍ରରେ ସେହି ଋଷି ଭାତୃଭଗ୍ନୀ କୃଦକ୍ଷ ଓ ପାଟକ ମାତାପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ ବୈଶ୍ୟ କୁଳରେ ପୁଣି ସେମାନେ କିପରି ସମାଜର ନିର୍ଯ୍ୟାତନାର ଶିକାର ହୋଇଥିଲେ ତାର ଏକ ଗୁପ୍ତାତିଗୁପ୍ତ କିମ୍ବଦନ୍ତୀ ରହିଛି ।

ଅନୁରକ୍ତା ନାମ୍ନୀ ଜଣେ ଶିଶୁ କନ୍ୟାର ବିବାହ ହୋଇଥିଲା ଏହି ଗ୍ରାମର ଜଣେ ଧର୍ମ ପରାୟଣ ଯୁବକଙ୍କ ସହିତ । ସେତେବେଳେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଥାଏ । ଶୈଶବ ଅବସ୍ଥାରେ ବିବାହ ସମ୍ପନ୍ନ ହୋଇଥିଲା; ମାତ୍ର ଅନୁରକ୍ତା ଶାଶୁଘରେ ନରହି ପିତ୍ରାଳୟରେ ରହୁଥିଲେ । ଯୌବନାବସ୍ଥାରେ ପଦାର୍ପଣ କରିବା ପରେ ବାପ ଘରୁ ଉପହାର ଆସବାବ ପତ୍ର ଧରି ଅନୁରକ୍ତା ଶାଶୁଘରକୁ ଗଲେ । ଶାଶୁଘରେ ମାତ୍ର ଚାରିଦିନ କଟାଇବା ପରେ ସ୍ୱାମୀଙ୍କର ମୃତ୍ୟୁ ଘଟିଲା । ସେହି ଚାରିଦିନର ପତିପତ୍ନୀ ସମ୍ପର୍କରୁ ଅନୁରକ୍ତାଙ୍କର ଗର୍ଭ ସଞ୍ଚାର ହୋଇଥିଲା । ଧୀରେ ଧୀରେ ଗର୍ଭ ଲକ୍ଷଣ ବୃଦ୍ଧି ପାଇବାରୁ ଶାଶୁଘର ପରିବାର ଲୋକେ ଅନୁରକ୍ତାଙ୍କୁ ଅସତୀ ବୋଲି ସନ୍ଦେହ କରି କଟୁକ୍ତି ପ୍ରୟୋଗ କଲେ ଓ ନିର୍ଯ୍ୟାତନା ଦେଲେ । ଅନୁରକ୍ତା ନିଜକୁ ସତୀ ବୋଲି ସାବ୍ୟସ୍ତ କରିବାପାଇଁ ଯେତେ ଭଗବାନଙ୍କ ଦ୍ୱାହି ଦେଲେ ମଧ୍ୟ ଅନ୍ଧ ସମାଜ ସେ କଥାକୁ ଗ୍ରହଣ କଲା ନାହିଁ । ଅନ୍ତଃସତ୍ତ୍ୱା ଅନୁରକ୍ତାଙ୍କୁ ଅଗ୍ନୀରେ ଝାସ ଦେଇ ଆତ୍ମହତ୍ୟା କରିବାକୁ ବାଧ୍ୟକଲେ । ଅନୁରକ୍ତା ଆତ୍ମହତ୍ୟା କରିବାକୁ ରାଜି ନହେବାରୁ ତାଙ୍କୁ ପ୍ରହାର କରି ଶାରୀରିକ କଷ୍ଟ ଦେବା ସଙ୍ଗେ ସଙ୍ଗେ ତା ସହିତ ପ୍ରତି ମୂହୁର୍ତ୍ତରେ ଗୋଳ ଲଗାଇଲେ । ପିଲା ପ୍ରସବ ହେବାର ସମୟ ଉପନୀତ ହେବାରୁ ଦିନେ ନିଶାର୍ଦ୍ଧରେ ପତିହରା, ନିର୍ଯ୍ୟାତିତା ଅନୁରକ୍ତା ଘର ଛାଡି ଚାଲି ଚାଲି ବନ ପ୍ରଦେଶରେ ପହଞ୍ଚିଲେ । ଦୈବଯୋଗକୁ ମେଘ, ପବନ, ଘଡଘଡି ଶବ୍ଦରେ ବନଭୂମି ପ୍ରକମ୍ପିତ ହେଉଥାଏ । ମୂଷଳଧାରାରେ ବର୍ଷା ବର୍ଷିବାକୁ ଲାଗିଲା । ଗର୍ଭଯନ୍ତ୍ରଣା ସାଙ୍ଗକୁ ପ୍ରକୃତିର ପ୍ରତିକୂଳ ତାଡନାରେ ଅନୁରକ୍ତାଙ୍କ ଜୀବନର ଖିଅ ଟିକକ ବିପର୍ଯ୍ୟସ୍ତ ହୋଇ ପଡୁଥାଏ । ଭଗବାନଙ୍କୁ ପ୍ରାର୍ଥନା କରିବା ଛଡା ତାଙ୍କ ପାଖରେ ଆଉ ଉପାୟ କିଛି ନଥିଲା । ମାତୃତ୍ୱ ପାଇବାକୁ ହେଲେ କେତେ କଷ୍ଟ ସହ୍ୟ କରିବାକୁ ପଡେ ତାହା କେବଳ ମାଆ ଜାଣେ । ମଥା ଉପରେ ଛାତ ନାହିଁ, ତଳେ ଚଟାଣ ନାହିଁ । ମାଆ ମାଟି କୋଳରେ, ନୀଳଆକାଶର ଛାତ ତଳେ, ବର୍ଷାର ପ୍ରକୋପକୁ ମଥାପାତି ସହି ଅନୁରକ୍ତା ଜନ୍ମଦେଲେ ଏକ ପୁତ୍ର ସନ୍ତାନ । ଅନୁରକ୍ତାଙ୍କର ପୂର୍ବଜନ୍ମ ଥିଲା ପାଟକ, ଯେଉଁ ପୁତ୍ର ସନ୍ତାନକୁ ଜନ୍ମଦେଲେ ସେ ହେଉଛନ୍ତି କୃଦକ୍ଷ । ନବଜାତ ଶିଶୁକୁ ସୁରକ୍ଷା ଦେବାପାଇଁ ଅନୁରକ୍ତାଙ୍କ ପାଖରେ କିଛି ବୋଲି ହିଁ କିଛି ନାହିଁ । ଛାତିରେ ଜାକି ଧରି କେବଳ କାନ୍ଦିବାକୁ ଲାଗିଲେ । ବର୍ଷା ଖାଇ ଶିଶୁପୁତ୍ରଟି ଅଚେତନ ହୋଇ ପଡିଲା । ମାଆ ଧୈର୍ଯ୍ୟହରା ହୋଇ ପଡିଲେ । ରାତି ପାହି ପାହି ଆସୁଥାଏ । ବର୍ଷାର ପ୍ରକୋପ କମି ଗଲାପରେ ଆକାଶ ନିର୍ମଳ ହୋଇଗଲା । ପୂର୍ବ ଆକାଶ ରକ୍ତବର୍ଣ୍ଣ ଧାରଣ କଲାଣି, ମାତ୍ର ସୂର୍ଯ୍ୟ ଉଦୟ ହୋଇ ନଥାନ୍ତି । ଅନୁରକ୍ତା ବ୍ୟସ୍ତ ବିବ୍ରତ ହୋଇ ଆକାଶ ମାର୍ଗକୁ ଚାହିଁ ଦେଖିଲେ ଜଣେ ଧବଳଶ୍ମଶ୍ରୁଧାରୀ ଜଟାଜୁଟି ମଣ୍ଡିତ ଦିବ୍ୟପୁରୁଷ ହାତରେ କମଣ୍ଡଳୁ ଧରି ଭ୍ରମଣ କରୁଛନ୍ତି । ନିଜ ସନ୍ତାନର ଚେତାନଶୂନ୍ୟ ଶରୀରକୁ ଦେଖି ଅନୁରକ୍ତା

ଚିତ୍କାର କରି ସେ ଉଜ୍ଜ୍ୱଳମୟ ପୁରୁଷଙ୍କୁ ଡାକ ପକାଇଲେ । ଦିବ୍ୟପୁରୁଷ ତଳକୁ ଓହ୍ଲାଇ ଅନୁରକ୍ତାଙ୍କ ସମ୍ମୁଖରେ ଛିଡ଼ା ହେଲେ । ଅନୁରକ୍ତା ପରିଚୟ ମାଗିବାରୁ ସେ କହିଲେ, ମୁଁ ହେଉଛି ପିତାମହ ବ୍ରହ୍ମା, ବ୍ରହ୍ମଙ୍କ ନିର୍ଦ୍ଦେଶରେ ଆସିଛି ତୁମରି କାର୍ଯ୍ୟରେ ଲାଗିବା ପାଇଁ । ମୁଁ ବର୍ତ୍ତମାନ ତୁମ୍ଭ ପୁତ୍ରକୁ ମନ୍ତ୍ରପୂତ ଜଳ ସିଞ୍ଚନ କରି ଜୀବନ୍ୟାସ ଦେଉଛି । ଜଳ ସିଞ୍ଚିଦେବାକୁ ଉଦ୍ୟତ ହେବାବେଳକୁ ବ୍ରହ୍ମାଙ୍କ ହାତରୁ କମଣ୍ଡଳୁଟି ଖସି ପଡିଲା । କମଣ୍ଡଳୁର ସମସ୍ତ ଜଳ ଭୂମିରେ ପଡି ବୋହି ଯିବାବେଳକୁ ପିତାମହ କୁଶ ଦ୍ୱାରା ସେ ଜଳକୁ ଶିଶୁପୁତ୍ର ଉପରେ ସିଞ୍ଚିଦେଲେ । ପିଲାଟି ସଙ୍ଗେ ସଙ୍ଗେ ଆଖି ଖୋଲିଲା । ଅନୁରକ୍ତାଙ୍କର ଆନନ୍ଦ କହିଲେ ନସରେ । ଚତୁଃର୍ମୁଖ ବ୍ରହ୍ମା ଅନୁରକ୍ତାଙ୍କୁ ବିଗତ ଜୀବନ ଓ ଭବିଷ୍ୟତ କଥା ସମସ୍ତ ଶୁଣାଇଲେ । ତୁମେ ପୂର୍ବଜନ୍ମରେ ଭାଇଭଉଣୀ ଥିଲ । ଏ ଜନ୍ମରେ ମାତା ପୁତ୍ର ଭୂମିକାରେ ଅବତୀର୍ଣ୍ଣ ହୋଇଛ । ତପ ଆଚରଣ କରି ଭଗବାନଙ୍କୁ ସନ୍ତୁଷ୍ଟ କର । ଭଗବାନଙ୍କୁ ହାତରେ ଖୁଆଇବାର ଯେଉଁ ଅଭିଳାଷ ତୁମର ଦ୍ୱାପର ଯୁଗରୁ ରହିଛି, ତାହା ପୂର୍ଣ୍ଣ ହେବା ପାଇଁ ତୁମକୁ ଆଉ ଥରେ ଜନ୍ମ ନେବାକୁ ପଡ଼ିବ । ମୋ ହାତରୁ କମଣ୍ଡଳୁ ଖସିପଡ଼ିବାରୁ ଏବଂ ତୁମ ପୁତ୍ରର ଦ୍ୱାପର ଯୁଗର ନାମ କୁମୁଣ୍ଡାକୀ ଥିବାରୁ, ତୁମର ପୂର୍ବଜନ୍ମର ନାମ ପାଟକ ଥିବାରୁ ଏ ସ୍ଥାନରେ ନାମ ରହିବ ପାତ୍ରକମଣ୍ଡଳୁ । (ଯାହାର ନାମକରଣ କାଳକ୍ରମେ ପରିବର୍ତ୍ତନ ହୋଇ ପାଟ କୁମୁଣ୍ଡା ହୋଇଛି) ଅଙ୍କାବଙ୍କା ଜୀବନ ପଥରେ ଗତି କରି ଦୁଃଖ ଯନ୍ତ୍ରଣା ସହିଥିବାରୁ ଏ ପୁତ୍ରର ମୁଁ ନାମକରଣ କରୁଛି ବାଙ୍କନିଧି । ଏହି ପୁତ୍ର ତୁମର ଯୋଗ ମାର୍ଗରେ ସାଧନରତ ରହି ମହାବିଷ୍ଣୁଙ୍କର ଦର୍ଶନ ଲାଭ କରିବେ । ଏତକ କହି ବ୍ରହ୍ମା ଅନ୍ତର୍ଦ୍ଧାନ ହୋଇଗଲେ । ସମୟ ସ୍ରୋତରେ ବାଙ୍କନିଧି କିଶୋର ଅବସ୍ଥାରେ ପଦାର୍ପଣ କଲାବେଳକୁ ତାଙ୍କ ଭିତରେ ଥିବା ଅଲୌକିକ ପ୍ରତିଭା ସାଙ୍ଗପିଲାମାନଙ୍କ ପାଖରେ ଧରା ପଡି ଯାଉଥାଏ । ଖେଳୁଥିବା ଅବସ୍ଥାରେ ପିଲାମାନେ ଯେତେବେଳେ ଯେଉଁ ଖାଦ୍ୟପଦାର୍ଥ ମାଗନ୍ତି, ବାଙ୍କନିଧି ବୃକ୍ଷକୋଟରରେ ହାତ ପୂରାଇ ସେହି ପଦାର୍ଥକୁ ଆଣି ସାଥି ପିଲାଙ୍କୁ ଖାଇବାକୁ ଦିଅନ୍ତି । ତେଣୁ ସାଙ୍ଗସାଥି ସମସ୍ତେ ତାଙ୍କୁ ଅତି ଭଲ ପାଉଥିଲେ । ଧୀରେ ଧୀରେ ବାଙ୍କନିଧିଙ୍କ ମନରେ ସଂସାର ପ୍ରତି ତୀବ୍ର ବୈରାଗ୍ୟ ସୃଷ୍ଟି ହେଲା । ଯୁବକ ଅବସ୍ଥାରେ ଉପନୀତ ହେବାପରେ ବନ୍ଧୁବାନ୍ଧବ ଓ ପରିବାରବର୍ଗ ଜବରଦସ୍ତ ବାଙ୍କନିଧିଙ୍କୁ ବିବାହ ବନ୍ଧନରେ ବାନ୍ଧିଦେଲେ । ସମୟକ୍ରମେ ସେ ଚାରୋଟି ପୁତ୍ର ସନ୍ତାନଙ୍କ ପିତା ହେଲେ । ତଥାପି ତାଙ୍କୁ ସାଂସାରିକ ମାୟା କବଳିତ କରି ପାରିଲା ନାହିଁ । ମାତା ଅନୁରକ୍ତାଙ୍କର ମୃତ୍ୟୁପରେ ସେ ହଠାତ୍ ଦିନେ ରାତିରେ ଗୃହତ୍ୟାଗ କରି କୁଆଡେ ଚାଲିଗଲେ କେହି କହି ପାରିଲେ ନାହିଁ । ୧୮୨୬ ମସିହା କଥା । ମହିମାଧର୍ମର ପ୍ରାଣ ପ୍ରତିଷ୍ଠାତା ସ୍ୱାମୀ ଗୋସାଇଁ ପୁରୀରୁ ଆସି ଢେଙ୍କାନାଳର କପିଳାସ ଜଙ୍ଗଲରେ ସାଧନାରତ ଥାଆନ୍ତି । ସାଧନାରୁ ଉଠିଲା ପରେ ଶିଷ୍ୟ ପ୍ରଶିଷ୍ୟ

ଗ୍ରହଣ କରି ଜଗତରେ ତାଙ୍କର ଜ୍ଞାନବାଣୀ ପ୍ରଚାର କଲେ । ସ୍ୱାମୀ ଗୋସାଇଁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ଶିଷ୍ୟତ୍ୱ ପ୍ରଦାନ କରୁଥିଲେ । ତତ୍କାଳୀନ ବ୍ରାହ୍ମଣ କ୍ଷତ୍ରିୟମାନେ ଏଥିପାଇଁ ସ୍ୱାମୀ ଗୋସାଇଁଙ୍କୁ ସମାଲୋଚନା କରୁଥିଲେ । ସ୍ୱାମୀ ଗୋସାଇଁ ଥିଲେ ବ୍ରହ୍ମସ୍ୱରୂପ । ତେଣୁ ଏମାନଙ୍କ କଥାକୁ କର୍ଣ୍ଣପାତ ନକରି କପିଳାସ ନିକଟବର୍ତ୍ତୀ ଦେଓଗାଁର ସଦାନନ୍ଦ ଶବର ହାତରୁ ଫଳ ଆହାର କଲେ ବାରବର୍ଷ । ଦଳେଇ ଭକ୍ତଠାରୁ ଜଳପାନ କଲେ । ସେହି ସମୟରେ କପିଳାସ ବନ ଦେଶରେ ତପସ୍ୟାରତ ଥିଲେ ସାଧକ ବାଙ୍କନିଧି । ତପସ୍ୟାରେ ସନ୍ତୁଷ୍ଟ ହୋଇ ଚନ୍ଦ୍ରଶେଖର ଭୋଳାନାଥ ଦିନେ ବାଙ୍କନିଧିଙ୍କୁ ଦର୍ଶନ ଦେଲେ । ସେଦିନ ଥାଏ ପବିତ୍ର ପିହିଲି ରଜତିଥି । ମହାଦେବ ବର ପ୍ରଦାନ କରି ନିର୍ଦ୍ଦେଶ ଦେଲେ ଯେ ସୃଷ୍ଟି ଆରମ୍ଭରେ ମାନବକୁଳ ଓ ଜୀବଜନ୍ତୁଙ୍କ ଜୀବନଧାରଣ ପାଇଁ ଶସ୍ୟ ଉତ୍ପାଦନ ନିମନ୍ତେ ମାଟି ଉପରେ ଯେଉଁଦିନ ବୀଜ ବପନ କରାଯାଇଥିଲା, ସେହି ଦିନେ ତୁମେ "ଗୋଳଗ୍ରାମ"ରେ ରଜବତୀ ଧରିତ୍ରୀମାତାର ପୂଜା ଓ ଯାତ୍ରା ମହୋତ୍ସବ ଅନୁଷ୍ଠାନ କରାଇବ । ଅରଣ୍ୟର ବଙ୍କିଳ ଦନ୍ତୁରିତ ଭୂମିରେ ବିହାର କରୁଥିବାରୁ ଆଜିଠାରୁ ତୁମ ନାମ ବାଙ୍କନିଧିରୁ ହେଲା 'ବାଙ୍କଟବିହାରୀ' । ହେ ସଦାତ୍ମାଗଣ ! ତାର ପରବର୍ତ୍ତୀ କାଳରେ ସ୍ୱାମୀ ଗୋସାଇଁ ହିଡ଼ିମ୍ବୀ (ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସବ୍‌ଡିଭିଜନ୍) ରାଜ୍ୟର ଗୋଳ ଗ୍ରାମରେ ବିଜେ କରିଥିଲେ; ମାତ୍ର ସାଧୁ ବାଙ୍କଟବିହାରୀ ଗୋଳ ଗ୍ରାମକୁ ବିଜେ କରିବା ପୂର୍ବରୁ ତିନି ଦିନ ସପ୍ତଶଯ୍ୟାର ଏକ ପାହାଡ (ଯାହାର ଅଧୁନା ନାମ ବାଙ୍କଟବିହାରୀ ପାହାଡ) ଉପରେ ଅବସ୍ଥାନ କରିଥିଲେ । ଉଭୟେ ଉଭୟଙ୍କର ସାଧନାର ପରୀକ୍ଷା ମଧ୍ୟ କରିଥିଲେ । ସ୍ମରଣିକାର କଳେବର ବୃଦ୍ଧି ଦୃଷ୍ଟିରୁ ତାକୁ ଏଠାରେ ଉଲ୍ଲେଖ କରାଯାଉ ନାହିଁ । ଏ ଅମୃତଗାଥାର ପ୍ରମାଣ ସ୍ୱରୂପ ଅଚ୍ୟୁତାନନ୍ଦ ମହାପୁରୁଷ ତାଙ୍କ ସ୍ୱରଚିତ 'ବ୍ରହ୍ମାଣ୍ଡ ସଂହିତା'ରେ ପ୍ରକାଶ କରିଛନ୍ତି –

ଯେଉଁ ଦିବସରେ ଅନ୍ନଜାତ ପାଇଁ ମହୀ ହେଲା ରଜବତୀ ।
ସେ ଶୁଭ ଦିନରେ ଜନନୀର ପୂଜା ଅର୍ଥେ ଜାଗିଲା ଭକତି ।।
ପଦ୍ମପୋଖରୀର ଉତ୍ତର ପାରୁଶେ ସ୍ଥାପି ନିଜ ଧ୍ୟାନପୀଠ ।
ଧୂନିଘର ବୋଲି ଜଗତରେ ଖ୍ୟାତ ବାଙ୍କଟ ବିହାରୀ ମଠ ।।
ପହିଲି ରଜରୁ ବସୁମତୀ ସ୍ନାନ ହୋଇବ ଭକତମେଳା ।
ଗୋଳଗ୍ରାମଗୋଟି ମୁଖରିତ ହେବ ଅନାଦି ବ୍ରହ୍ମଙ୍କ ଲୀଳା ।।

ଅଚ୍ୟୁତାନନ୍ଦଙ୍କର ଉପରୋକ୍ତ ମାଳିକାର ପଦ୍ୟାବଳୀ ଅନୁସାରେ ସୃଷ୍ଟିର ପ୍ରାରମ୍ଭିକ ପର୍ଯ୍ୟାୟରେ ଯେତେବେଳେ ଗର୍ଭରେ ବୀଜଧାରଣ କରି ଶସ୍ୟ ଓ ଫଳମୂଳ ଜାତ

କରିବା ଉଦ୍ଦେଶ୍ୟରେ କୁମାରୀ ଧରିତ୍ରୀ ରଜବତୀ ହେଲା, ସେହି ପୁଣ୍ୟ ଦିବସକୁ ସୃଷ୍ଟି ବିଧାନରେ ରଜସଂକ୍ରାନ୍ତି ଭାବେ ପାଳନ କରାଯାଉଅଛି । ଯେତେବେଳେ ଛପନକୋଟି ଜୀବଜଗତ ସୃଷ୍ଟି ହୋଇ ସାରିଲା, କିଏ କେଉଁ ଖାଦ୍ୟ ଖାଇ ଜୀବନ ଧାରଣ କରିବେ ସେଥିପାଇଁ ଭଗବାନ କେତେକ ଋଷିଙ୍କୁ ବୀଜ ଉତ୍ପନ୍ନର ଦାୟିତ୍ୱ ଦେଲେ । ସାଧନାର ସିଦ୍ଧିକୁ ଆଧାର କରି ଜଣେ ଋଷି କୌଣସି ବସ୍ତୁକୁ ଧରି ମନ୍ତ୍ରପୂତ ଜଳ ସିଞ୍ଚନ କଲେ ଇପ୍‌ସିତ ଶସ୍ୟର ବୀଜ ଜାତ ହେଉଥିଲା । ଏହିପରି ଜଣେ ବୀଜପ୍ରଦ ଋଷିମାନଙ୍କ ଦ୍ୱାରା ଧାନ, ଗହମ, ମୁଗ, ବିରି, ହରଡ ଭଳି ଶସ୍ୟ ଉତ୍ପନ୍ନ ହୋଇଥିଲା । ସାଧାରଣ କନ୍ୟା ସନ୍ତାନଟିଏ କିଶୋରୀ ଅବସ୍ଥା ପ୍ରାପ୍ତ ହେବାପରେ ଯେମିତି ନାରୀତ୍ୱ ପ୍ରାପ୍ତି ପାଇଁ ସେ ରଜବତୀ ହୁଏ, ଠିକ୍ ସେମିତି ବୀଜଧାରଣ କରି ଶସ୍ୟ ଉତ୍ପନ୍ନ ନିମନ୍ତେ ରଜସଂକ୍ରାନ୍ତି ଦିନ ପୃଥିବୀ ମାତା ରଜସ୍ୱଳା ହୋଇଥିଲେ । ଯୋଗୀମୁନିଙ୍କ ଦ୍ୱାରା ଯଜ୍ଞ ସମ୍ପାଦିତ ହେବାପରେ ବର୍ଷା ହେଲା । ବର୍ଷାରୁ ଅନ୍ନର ସୃଷ୍ଟି ହେଲା । ଉପରୋକ୍ତ ତଥ୍ୟ ସମ୍ବଳିତ ତିଥିଟି ଏବେ ରଜ ସଂକ୍ରାନ୍ତି ଭାବେ ପାଳିତ ହୋଇଆସୁଅଛି । ସାଧୁ ପୁରୁଷ ବାଙ୍କଟବିହାରୀ ଭଗବାନ ଶିବଙ୍କ ନିର୍ଦ୍ଦେଶରେ ଗୋଳଗ୍ରାମ (ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସବ୍‌ଡିଭିଜନ୍‌ର ରଞ୍ଜାଗୋଳ ଗ୍ରାମ)ର ପଦ୍ମପୋଖରୀ ଉତ୍ତର ପାର୍ଶ୍ୱରେ ଧୂନିଘର ସ୍ଥାପନ କରିଥିଲେ ଏବଂ ମାଆ ମାଟିର ପୂଜାକରି ପହିଲି ରଜଠାରୁ ବସୁମତୀ ସ୍ନାନ ପର୍ଯ୍ୟନ୍ତ ଭକତମେଳା ଅର୍ଥାତ୍ ନାମଯଜ୍ଞ ଓ ଜ୍ଞାନଯଜ୍ଞ ଅନୁଷ୍ଠାନ କରାଉଥିଲେ । ଆଜି ତାହା କେବଳ ଜନଗହଳି ପାଇଁ ବ୍ୟବସାୟ କ୍ଷେତ୍ର ପାଲଟିଛି । ଅଚ୍ୟୁତାନନ୍ଦ ତାଙ୍କ ସମାଧିଯୋଗରେ ରଞ୍ଜାଗୋଳ ଶବ୍ଦକୁ ଦର୍ଶନ ନକରି କେବଳ ଗୋଳଗ୍ରାମ ବୋଲି ଦର୍ଶନ କରିଥିଲେ ।

ଧୂନିଘର ମଧ୍ୟରେ ଧ୍ୟାନରତ ଥିବା ସମୟରେ ଦିନେ ଶୂନ୍ୟବ୍ରହ୍ମଙ୍କ ପୂର୍ଣ୍ଣ ଚତୁର୍ଦ୍ଧାମୂର୍ତ୍ତିକୁ ବାଙ୍କଟବିହାରୀ ଦର୍ଶନ କଲେ । ବ୍ରହ୍ମ ନିର୍ଦ୍ଦେଶ କଲେ ମୋତେ କି ବର ମାଗୁଛ ମାଗ । ବାଙ୍କଟ ବିହାରୀ ଏତିକି ପ୍ରାର୍ଥନା କଲେ ଯେ, "ଭଗବାନ ଶିବଙ୍କ ନିର୍ଦ୍ଦେଶରେ ମୁଁ ଏଠାରେ ମଠ ସ୍ଥାପନା କରି ରଜଯାତ୍ରା ଅନୁଷ୍ଠାନ କରାଇଲି । ଜନ୍ମକଲା ମାଆ ମୋର କହୁଥିଲେ ମାତୃଗର୍ଭରୁ ବାହାରିବା ମାତ୍ରେ ମୁଁ ବେଦପତି ବ୍ରହ୍ମାଙ୍କର କୃପା ପାଇଥିଲି । ଆଜି ଆପଣଙ୍କର ମହାବିଷ୍ଣୁ ରୂପକୁ ଦର୍ଶନ କଲି । ମୋର କିଛି ଆଉ ମାଗିବାର ନାହିଁ । ଯଦି ଆପଣ ମୋତେ କୃପା କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି, ତେବେ ଏତିକି ପ୍ରାର୍ଥନା ଏହି ଧରିତ୍ରୀ କୋଳରେ ମୁଁ ଯେଉଁଠି ପ୍ରଥମେ ମାଆ ମାଟି ସ୍ପର୍ଶ କରିଥିଲି, ମୋର ସେହି ଜନ୍ମଭୂମିରେ ବ୍ରହ୍ମା ଶଙ୍କର ଓ ଆପଣଙ୍କୁ ମୁଁ ଦର୍ଶନ କରିବାକୁ ଚାହୁଁଛି । ଆପଣ ନରବିଗ୍ରହ ଧାରଣ କରି ଧର୍ମ ସଂସ୍ଥାପନ କରିବେ । ଅମୃତମୟ ବିଶ୍ୱ ସେତେବେଳକୁ ବିଷମୟ ହୋଇ ଅଶାନ୍ତିରେ ସନ୍ତାପିତ ହେଉଥିବ । ଆପଣ ଯଜ୍ଞାନୁଷ୍ଠାନ

କରାଇ ବିଶ୍ୱକୁ ଶାନ୍ତି ପ୍ରଦାନ କରିବେ ।'' ମହାବିଷ୍ଣୁ ବାଙ୍କଟବିହାରୀଙ୍କୁ ତଥାସ୍ତୁ କରି ନିଜର ଇଚ୍ଛାକୁ ପ୍ରକାଶ କଲେ । ''ହେ ବାଙ୍କଟବିହାରୀ ! ତୁମେ ସେତେବେଳକୁ ଶୂଦ୍ରକୁଳରେ ପୁନଃ ଜନ୍ମଲାଭ କରି ମୋତେ ହାତରେ ଖୁଆଇବାର ସୌଭାଗ୍ୟ ଅର୍ଜନ କରିବ । ଅଜ୍ଞାନ ମଣିଷମାନେ ଘୋର ଅଜ୍ଞାନତାର ଅନ୍ଧକାର ମଧ୍ୟରେ ଘାଣ୍ଟି ଚକଟି ହୋଇ ତୁମ୍ଭଙ୍କୁ ନିନ୍ଦା କରୁଥିବେ । ମାତ୍ର ତୁମେ ମୋର କୃପାପାତ୍ର ହୋଇ ପରମାନନ୍ଦ ଉପଲବ୍ଧି କରିବ ।'' ଏ ଗୁପ୍ତ ରହସ୍ୟକୁ ଉନ୍ମୋଚନ କରିବାକୁ ଯାଇ ମହାପୁରୁଷ ଅଚ୍ୟୁତ 'କଳିମହାତ୍ମ୍ୟ ଗୀତା'ରେ ପୁନଶ୍ଚ କହିଛନ୍ତି –

ଧନ୍ୟ ପୁଣ୍ୟଭୂମି ଗୋଳ ନଗରୀ । ମହିମା ତାହାର କଳି ନପାରି ।।
ଧୂନିଘରେ ମହାବିଷ୍ଣୁ ଦର୍ଶନ । ଜନ୍ମଭୂମି ଅର୍ଥେ ବର ପ୍ରଦାନ ।।
ବ୍ରହ୍ମାଣ୍ଡରେ ଶାନ୍ତି ପ୍ରତିଷ୍ଠା ପାଇଁ । ଯଜ୍ଞ କରାଇବେ ଗୁରୁ ଗୋସାଇଁ ।।

ଉପରୋକ୍ତ ମାଳିକାଂଶରେ ଭବିଷ୍ୟତ ଦ୍ରଷ୍ଟା ଅଚ୍ୟୁତାନନ୍ଦ ଏହାହିଁ ପ୍ରକାଶ କରିଛନ୍ତି ଯେ –ଧନ୍ୟ ସେ ଗୋଳଗ୍ରାମ, ଯାହାର ମହିମା କଳନା କରିବା ସହଜ ନୁହେଁ । ଧୂନିଘର ମଧ୍ୟରେ ବାଙ୍କଟବିହାରୀ ମହାବିଷ୍ଣୁଙ୍କୁ ଦର୍ଶନ କରିଥିଲେ ଏବଂ ଜନ୍ମଭୂମି ମାଳିକା ବର୍ଣ୍ଣିତ ପାତ୍ରକମଣ୍ଡଳୁ ବର୍ତ୍ତମାନର ପାଟକୁମୁଣ୍ଡାରେ ''ବିଶ୍ୱଶାନ୍ତି ମହାଯଜ୍ଞ'' କରାଇବା ଅଭିପ୍ରାୟରେ ଗୁରୁଗୋସାଇଁ ଶ୍ରୀଶ୍ରୀଶ୍ରୀକେଶବନାରାୟଣଙ୍କୁ ପ୍ରାର୍ଥନା କରିଥିଲେ । ଯଜ୍ଞର ସମୟ ସଂପର୍କରେ ଉଲ୍ଲେଖ କରିବାକୁ ଯାଇ ମହାପୁରୁଷ ତାଙ୍କ 'ଶାରଳାମଣ୍ଡଳ ଗୁପ୍ତଗୀତା'ରେ ପ୍ରକାଶ କରିଛନ୍ତି ଯେ –

ଆୟୁଧରୁ ବିଯୋଗ ମୂର୍ତ୍ତି ବାମେ ଥୋଇବୁ ବିଂଶ ।
ଫିରିଙ୍ଗି ଅଙ୍କାକୁ ଜଗିବୁ ହେବ ଚତୁର୍ଥ ମାସ ।।
ପ୍ରକୃତିରୁ ଫେଡି ମନକୁ କରି ଶୁଭାଧିବାସ ।
ଅଲିଅଳୀ ନଦୀ ଜଳକୁ ଭରି ପୂର୍ଣ୍ଣକଳସ ।।
ବ୍ରହ୍ମ କୃଷ୍ଣ ପିତା ଜ୍ୟେଷ୍ଠ ପୁତ୍ରଙ୍କ ମସ୍ତକ ତିଥି ।
ଦିବାକର ପୁଣ୍ୟ ବାସର କନିଷ୍ଠ ପୁତ୍ରେ ପ୍ରୀତି ।।
ବାରେ ଗୁଣି ବେନି ଦିବସ ବିଶ୍ରବାଙ୍କ ନନ୍ଦନ ।
ଦେବଗୁରୁ ଦିବ୍ୟବାସରେ ପୂର୍ଣ୍ଣାହୁତି ପ୍ରଦାନ ।।
ଭକ୍ତଜନ ମାନ ଚାଖଇ ଲୀଳା ଅମୃତ ସ୍ୱାଦ ।
ଖଳକାମୀ ଠକ ପାଷାଣ୍ଡ ମନେ ଉପୁଜେଖେଦ ।।
ପାତ୍ରକମଣ୍ଡଳୁ ଗ୍ରାମରେ ହେବ ଅପୂର୍ବ ଲୀଳା ।
ଭକ୍ତ ଭଗବାନ ଦର୍ଶନେ ପବିତ୍ର ହେବ ଡୋଳା ।।

ଦେଖାଇବ ଧନ ଗରବ କିଏ ଧନୀକ ଭେକ ।
କିଏ ଅବା ଛାତି ଫୁଲାଏ ଧରି ଜାତିର ଟେକ ।।
ଠିକ କରି ହେଜି ଜଣାଏଁ ଦୀନ ହୀନ ଅଚ୍ୟୁତ ।
ଚେତିଲାଜନଙ୍କୁ ଗୋଚର ଅଚେତନକୁ ତିକ୍ତ ।।

ମହାପୁରୁଷ ଅଚ୍ୟୁତଙ୍କର ଉକ୍ତ ପଦ୍ୟସମୂହକୁ ବ୍ୟାଖ୍ୟା କଲେ – ଆୟୁଧ କହିଲେ ଅଷ୍ଟାଦଶ ଆୟୁଧ, ସଂଖ୍ୟା ୧୮ । ବିଯୋଗ କହିଲେ ଫେଡାଣ । ମୂର୍ତ୍ତି କହିଲେ ଚତୁର୍ଦ୍ଧାମୂର୍ତ୍ତି, ସଂଖ୍ୟା ୪ । ୧୮–୪=୧୪ । ବାମେ ବିଂଶ ସଂଖ୍ୟା ଅର୍ଥାତ୍ ୧୪ର ବାମରେ ୨୦ ରଖିଲେ ହେଉଛି **୨୦୧୪ । ଫିରିଙ୍ଗି ଅଙ୍କର ଚତୁର୍ଥ ମାସ** କହିଲେ ଇଂରାଜୀ ବର୍ଷର ଅପ୍ରେଲ୍ ମାସ । ପ୍ରକୃତି କହିଲେ ପଚିଶି ପ୍ରକୃତି – ସଂଖ୍ୟା ୨୫ । ମନ କହିଲେ ପାଞ୍ଚମନ– ସଂଖ୍ୟା ୫ । ୨୫ରୁ ୫କୁ ଫେଡ଼ିଲେ ୨୦ । ଅତଏବ ଏଥିରୁ ସାମଗ୍ରିକ ଭାବେ ବୁଝିବାକୁ ପଡିବ ଯେ ଇଂରାଜୀ ୨୦୧୪ ମସିହା ଅପେଲ୍ ୨୦ ତାରିଖ । ମାଳିକା ବର୍ଣ୍ଣିତ ଅଲିଅଳି ନଦୀ, ଯାହାର ଅଧୁନା ନାମ ପରିବର୍ତ୍ତନ ହୋଇଛି ଆଉଁଳିରେ, ତା'ର ଜଳକୁ କଳସୀରେ ଭରି ଶ୍ରଦ୍ଧାକୁ ଭକ୍ତ ପ୍ରବରଗଣ ମସ୍ତକରେ ଧାରଣ କରିବେ । ବ୍ରହ୍ମ କହିଲେ ଏକ ବ୍ରହ୍ମ ଅର୍ଥାତ୍ ଓଡିଆ ମାସର ପ୍ରଥମ ମାସ ବୈଶାଖ କୃଷ୍ଣପକ୍ଷ । ପିତା କହିଲେ ଶିବ । ଶିବଙ୍କର ଜ୍ୟେଷ୍ଠ ପୁତ୍ର କାର୍ତ୍ତିକେୟ । ମସ୍ତକ ତିଥି କହିଲେ ଶିବଙ୍କର ୫ମସ୍ତକ ଓ କାର୍ତ୍ତିକେୟଙ୍କର ୬ମସ୍ତକ, ଅର୍ଥାତ୍ ଉକ୍ତ ୨୦୧୪ ମସିହା ଅପେଲ୍ ୨୦ତାରିଖର ତିଥି ହେଉଛି ବୈଶାଖ କୃଷ୍ଣପକ୍ଷ ପଞ୍ଚମୀ ଷଷ୍ଠୀକ୍ଷଃ । କନିଷ୍ଠ ପୁତ୍ରେ ପ୍ରୀତି । ଶିବଙ୍କର କନିଷ୍ଠ ପୁତ୍ର ଗଣେଶ । ଘଟରେ ଅଗ୍ରପୂଜ୍ୟ ଗଣେଶ ହିଁ ପୂଜା ପାଆନ୍ତି, ଯେଉଁ ଘଟ କି ଦିବାକର ପୁଣ୍ୟ ବାସର ଅର୍ଥାତ୍ ରବିବାର ହିଁ ଯଜ୍ଞାନୁଷ୍ଠାନେ ସ୍ଥାପନା ହେବେ ।

ସୁତରାଂ ମାଳିକା ବର୍ଣ୍ଣିତ ତଥ୍ୟାନୁଯାୟୀ ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ଇଂରାଜୀ ସନ ୨୦୧୪ ମସିହା ଅପ୍ରେଲ୍ ମାସ ୨୦ ତାରିଖ ରବିବାର ଦିବସରେ ବୈଶାଖ କୃଷ୍ଣପକ୍ଷର ଉଭୟ ପଞ୍ଚମୀ ଓ ଷଷ୍ଠୀକ୍ଷଃ ତିଥି ପଡୁଥିବ, ଯେଉଁ ଦିନରେ ହିଁ ଅନୁଗୁଳ ଜିଲ୍ଲାସ୍ଥ ଛେଣ୍ଡିପଦା ସନ୍ନିକଟ ପାଟକୁମୁଣ୍ଡାଠାରେ "ବିଶ୍ୱଶାନ୍ତି ମହାଯଜ୍ଞ"ର ଶୁଭାଧିବାସ ଅନୁଷ୍ଠିତ ହେବ ।

ପୁନଶ୍ଚ ବାରେ ଗୁଣି ବେନି କହିଲେ – ୧୨X୨=୨୪ ଅର୍ଥାତ୍ ଅପ୍ରେଲ୍ ୨୪ ତାରିଖ । ବିଶ୍ରବାଙ୍କ ନନ୍ଦନ କହିଲେ ଦଶାନନ ରାବଣ, ଅର୍ଥାତ୍ ମାଳିକା ତଥ୍ୟାନୁଯାୟୀ ଉକ୍ତ ୨୦୧୪ ମସିହା ଅପ୍ରେଲ୍ ୨୪ତାରିଖ ବୈଶାଖ କୃଷ୍ଣ ଦଶମୀ ତିଥି ଏବଂ ଦେବଗୁରୁ ଦବ୍ୟ ବାସର କହିଲେ ବୃହସ୍ପତି ବାର ଅର୍ଥାତ୍ ଗୁରୁବାର ଦିବସରେ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯିବ । ଭକ୍ତମାନେ ଉକ୍ତ ଦିବ୍ୟଲୀଳାରେ ସାମିଲ୍ ହୋଇ ଅମୃତ ସ୍ୱାଦ ଚାଖିବେ ।

ଖଳ ପ୍ରକୃତିର ଠକ, ପାଷାଣ୍ଡ ଜନମାନଙ୍କ ମନରେ ଖେଦ ଉପୁଜିବ । 'ପାତ୍ରକମଣ୍ଡଳ' ଗ୍ରାମର ନାମ କାଳକ୍ରମେ ପରିବର୍ତ୍ତନ ହୋଇ ପାଟକୁମୁଣ୍ଡା ହୋଇଅଛି । ଅଚ୍ୟୁତ ଉଲ୍ଲେଖ କରିଛନ୍ତି ପାଟକୁମୁଣ୍ଡାଠାରେ ଅପୂର୍ବ ଲୀଳା ସଂଗଠିତ ହେବ । ଚର୍ମ ନେତ୍ରରେ ଭଗବାନଙ୍କୁ ଦର୍ଶନ କରି ସମସ୍ତ ଭକ୍ତ ପବିତ୍ର ହେବେ । କିଏ ଧନ ଗର୍ବରେ ତ କିଏ ଜାତି ଗର୍ବରେ ଛାତି ଫୁଲାଇ ପ୍ରଭୁଙ୍କର ଲୀଳାର ଗୋପନ ସୂତ୍ରକୁ ଭେଦ କରିପାରିବେ ନାହିଁ । ଚେତନାଯନ୍ତ ମଣିଷମାନଙ୍କୁ ପ୍ରଭୁଙ୍କର ଏ ମହାଜାଗତିକ ଯଜ୍ଞାନୁଷ୍ଠାନର ଅଭିପ୍ରାୟ ଗୋଚର ହେବ । ମାତ୍ର ଅଚେତନ ବ୍ୟକ୍ତିଙ୍କୁ ସବୁ ପିତା ଲାଗିବ ।

ହେ ଉପସ୍ଥିତ ସଦାତ୍ମାଗଣ ! କୋଟି ଜନ୍ମର ତପସ୍ୟାବଳରେ ଆଜି ଆମେ କଳିଅବତାର ପୂର୍ଣ୍ଣବ୍ରହ୍ମ କେଶବଙ୍କର ଲୀଳାରେ ସମଭାଗୀ ହୋଇ ମଣିଷ ଜନ୍ମକୁ ସାର୍ଥକ କରି ପାରିଛନ୍ତି । ଧନ୍ୟ ଏ ପାଟକୁମୁଣ୍ଡା ଗ୍ରାମ, ଧନ୍ୟ ଋଷି ବାଙ୍କଟ ବିହାରୀ, ଧନ୍ୟ ଏ ପାପନାଶିନୀ ଆଉଁଳି ନଦୀ । ଆଉ ଧନ୍ୟ ଏ ଗ୍ରାମର ଅଧିବାସୀ ବୃନ୍ଦ । ପୁନଃ ବାଙ୍କଟବିହାରୀ ଶୂଦ୍ରକୁଳରେ ଜନ୍ମଗ୍ରହଣ କରି ଆମ ଭିତରେ ଲୁଚି ରହି ନିଶ୍ଚିତ ଭାବରେ ପୂର୍ଣ୍ଣବ୍ରହ୍ମ ଶ୍ରୀଶ୍ରୀଶ୍ରୀ କେଶବଙ୍କୁ ହାତରେ ଖୁଆଇ ଦେବେ ଏଥିରେ ସନ୍ଦେହ ନାହିଁ । ଏହି ପବିତ୍ର କ୍ଷେତ୍ରରେ ସୂକ୍ଷ୍ମରେ ବ୍ରହ୍ମାଣଙ୍କର ମଧ ଉପସ୍ଥିତ ଅଛନ୍ତି ଯେଉଁମାନେ ଯଜ୍ଞ ଓ ସତ୍‌ସଂଗରେ ଯୋଗ ଦେଇଛନ୍ତି । ସେମାନେ ଏକାଧାରରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର କୃପାପାତ୍ର ହେବା ସଙ୍ଗେ ସଙ୍ଗେ ତ୍ରିଦେବଙ୍କର ପୂଜ୍ୟ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ କରୁଣା କଲ୍ୟାଣ ଲାଭ କରିଛନ୍ତି । ଶେଷରେ ସେହି ଅନନ୍ତ କୋଟି ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଲୀଳା ପୁରୁଷୋତ୍ତମ ଚରମନାଥଙ୍କ ପଦାରବିନ୍ଦରେ ଏତିକି କାମନା ହେ ଅଜନ୍ମା ପୁରୁଷ ! ଆଜି ଭକ୍ତ ଉଦ୍ଧାର ନିମିତ୍ତ ଧୂଳିର ଧରଣୀରେ ଦେହ ଧାରଣ କରି କେତେ କଷ୍ଟ ସ୍ୱୀକାର କରୁଛନ୍ତି । ଆମକୁ ଆପଣଙ୍କର ଏହି ଲୀଳାରେ ସବୁଦିନ ପାଇଁ ଯୁକ୍ତକରି ରଖନ୍ତୁ । ଆପଣଙ୍କୁ ବୁଝିବା ପାଇଁ ତୁମକୁ ଧରିବାପାଇଁ ଆମ ଭିତରେ ଚେତନା ଦିଅନ୍ତୁ । ଆପଣାର କରି ଆପଣଙ୍କ ପରମ ପାବନ ଚରଣପଙ୍କଜରେ ଆମକୁ ବାନ୍ଧି ରଖନ୍ତୁ । ସୃଷ୍ଟିର ମଙ୍ଗଳ ହେଉ । ବିଶ୍ୱରେ ଭ୍ରାତୃତ୍ୱ ପ୍ରତିଷ୍ଠା ହେଉ । ଆପଣଙ୍କର ଜୟ ହେଉ ।

ଅଳମତି ବିସ୍ତରେଣ

ଶ୍ରୀକେଶବାର୍ପଣମସ୍ତୁ !!!

ଶ୍ରୀ କେଶବ ଶରଣଂ ! ଶ୍ରୀ କେଶବ ଶରଣଂ !! ଶ୍ରୀ କେଶବ ଶରଣଂ !!!

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି